بسم الله الرحمن الرحيم

**ଖୁତ୍‌ବା ଜୁମା ୧୪ ଅକ୍ଟୋବର ୨୦୨୨ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ବୈତୁର୍ ରହମାନ୍, ମ୍ୟାରୀଲାଣ୍ଡ, ଆମେରିକା**

**ଯଦି ଆମେମାନେ ବୈଅତ୍‌ର ପ୍ରକୃତ ଦାୟିତ୍ୱ ସମ୍ପାଦନ କରିବାକୁ ଚାହୁଁଛେ, ଯଦି ଆମେମାନେ ଅଲ୍ଲାଃତାଲାଙ୍କ କୃପାର କୃତଜ୍ଞତା ଜ୍ଞାପନ କରିବାକୁ ଚାହୁଁଛେ ତେବେ ଆମମାନଙ୍କୁ ସର୍ବଦା ନିଜ ଅବସ୍ଥାର ଆତ୍ମ ସମୀକ୍ଷା କରିବା ଉଚିତ୍ ।**

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ଵାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ; ଅଲ୍ଲାଃତାଲା ଆମମାନଙ୍କ ଉପରେ ଯେଉଁ ମହୋପକାର କରିଛନ୍ତି ତାହା ଏହିକି ଯେ, ସେ ଆମମାନଙ୍କୁ ଆଁହଜରତ ସ.ଅଙ୍କ ସତ୍ୟବାଦୀ ଦାସ ହ. ଅକ୍‌ଦସ୍ ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିବାକୁ ସାମର୍ଥ୍ୟ ପ୍ରଦାନ କରିଛନ୍ତି । ଅତଏବ ଏହି ଉପକାରର ପ୍ରକୃତ କୃତଜ୍ଞତା ଜ୍ଞାପନ ଏହିପରି ଯେ ଆମେମାନେ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଅନୁଯାୟୀ ପରିଚାଳିତ ହେବା । ଅଲ୍ଲାଃତାଲାଙ୍କ କର୍ତ୍ତବ୍ୟ ସମ୍ପାଦନ ଓ ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ପ୍ରତି ସର୍ବଦା ତତ୍ପର ରହିବା ଉଚିତ । ଏହା ସେତିକିବେଳେ ସମ୍ଭବପର ହେବ ଯେତେବେଳେ ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍‌ର ପ୍ରକୃତ କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ଉଦ୍ୟମ କରିବୁ । ଆମମାନଙ୍କୁ ପ୍ରକୃତ ମୁସଲମାନ ହେବା ପାଇଁ ହ. ମସିହ୍ ମଉଦ୍ ଅ.ସଙ୍କ ଆଡ଼କୁ ଦେଖିବାକୁ ହେବ, ଆପଣଙ୍କ ଦ୍ୱାରା ନିର୍ଦ୍ଦେଶିତ ମାର୍ଗ ଅନୁଯାୟୀ ନିଜର ଜୀବନକୁ ଅତିବାହିତ କରିବାକୁ ହେବ ।

ହ. ମସିହ୍ ମଉଦ୍ ଅ.ସ ନିଜ  ଉପରେ ପୂର୍ଣ୍ଣ ବିଶ୍ୱାସ ଏବଂ ପୂର୍ଣ୍ଣ ଆସ୍ଥା ପ୍ରକଟ କରିବାର ଉପଦେଶ ଦେଇ କହନ୍ତି; ଯେଉଁ ବ୍ୟକ୍ତି ମୋ ପ୍ରତି ବିଶ୍ୱାସ ଓ ଆସ୍ଥା ପ୍ରକଟ କରେ ସେହି ବ୍ୟକ୍ତି ନିଜ ବିଶ୍ୱାସ, ଆସ୍ଥା, ବୁଦ୍ଧିମତାର ସ୍ତର ପର୍ଯ୍ୟନ୍ତ ଅବଶ୍ୟ ଉନ୍ନୀତ ହେବା ଉଚିତ । ଅନ୍ୟଥା ସେ ସଂଶୟାଗ୍ରସ୍ତ ହେବ । ହୁଜୁର୍ ଅ.ସ କହିଲେ; ବର୍ତ୍ତମାନ ତୁମେମାନେ ସ୍ୱୟଂ ବିଚାର କରିନିଅ ଏବଂ ନିଜ ମନରେ ଏହି ନିଷ୍ପତ୍ତି କରିନିଅ ଯେ, ତୁମେମାନେ ମୋ ହସ୍ତରେ ଯେଉଁ ବୈଅତ୍ କରିଛ ଏବଂ ମୋତେ ହକମ୍ ଓ ଅଦଲ୍ (ନ୍ୟାୟ ବିଚାରକ) ରୂପେ ଗ୍ରହଣ କରିଛ, ମୋତେ ସ୍ୱୀକାର କରିବା ପରେ ଯଦି ମୋର କୌଣସି ନିଷ୍ପତ୍ତି କିମ୍ବା ଆଚରଣ ଯୋଗୁଁ ତୁମ ମନରେ କୌଣସି ଅପବିତ୍ରତା ଅବା ଅନୁତପ୍ତ ଭାବ ପ୍ରକଟ ହୁଏ ତେବେ ସେ ପରିପ୍ରେକ୍ଷୀରେ ତୁମେମାନେ ନିଜ ବିଶ୍ୱାସ ପ୍ରତି ଚିନ୍ତିତ ହୁଅ । ସୁତରାଂ ଯେଉଁ ବ୍ୟକ୍ତି ମୋ ଉପରେ ବିଶ୍ୱାସ ସ୍ଥାପନ କରିଛି ଏବଂ ଏହାପରେ ମଧ୍ୟ ଯଦି ସେ ମୋ ଉପରେ ଆପତ୍ତି କରେ ତେବେ ସେହି ବ୍ୟକ୍ତି ବଡ଼ ହତଭାଗ୍ୟ ଅଟେ । କାରଣ ସେ ମୋତେ ଦେଖିବା ସତ୍ତ୍ୱେ ମଧ୍ୟ ଅନ୍ଧ ହୋଇ ରହିଲା । ହ. ମସିହ୍ ମଉଦ୍ ଅ.ସଙ୍କ ପୂର୍ବରୁ ପବିତ୍ର ଅବତାର ହ. ମୁହମ୍ମଦ୍ ସ.ଅ ଆପଣ ଅ.ସଙ୍କ ପରବର୍ତ୍ତୀ ଖିଲାଫତ୍‌ର ଶୁଭସମାଚାର ପ୍ରଦାନ କରିଥିଲେ । ଏହି ସନ୍ଦର୍ଭରେ ଖିଲାଫତେ ଅହେମଦିୟା ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ପ୍ରଚଳିତ ପନ୍ଥା ଅର୍ଥାତ ଖିଲାଫତ୍ ବ୍ୟବସ୍ଥା ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ପ୍ରଚଳିତ ରୀତିପ୍ରଥାକୁ ବଜାୟ ରଖିଛି । ନିଜର ଶପଥ ନେବା ସମୟରେ ପ୍ରତ୍ୟେକ ଅହେମଦି ଖିଲାଫତେ ଅହେମଦିୟା ସହିତ ସଂଶ୍ଳିଷ୍ଟ ରହିବାର ଶପଥ ନେଇଥାଏ । ଏହି ଦୃଷ୍ଟିରୁ ବିଚାର କଲେ ଖିଲାଫତ୍ ସହିତ ସଂଶ୍ଳିଷ୍ଟ ରହିବାର ଶପଥକୁ ସମ୍ପାଦନ କରିବା ପ୍ରତ୍ୟେକ ଅହେମଦିର ପରମ କର୍ତ୍ତବ୍ୟ । ଅନ୍ୟଥା ବୈଅତ୍ କରିବା ଅସଂପୂର୍ଣ୍ଣ ଅଟେ।

ପବିତ୍ର କୁରଆନ୍ କରୀମକୁ ଧ୍ୟାନପୂର୍ବକ ପାଠ କରିବା ପ୍ରତି ଦୃଷ୍ଟି ଆକର୍ଷଣ କରି ହୁଜୁର୍ ଅ.ସ କହନ୍ତି ଯେ, ମୁଁ ବାରମ୍ବାର ଏହି ପ୍ରସଙ୍ଗ ପ୍ରତି ସେହି ଲୋକମାନଙ୍କୁ ଉପଦେଶ ଦେଇ କହୁଛି, ଯେଉଁମାନେ ମୋ ସହିତ ସଂଶ୍ଳିଷ୍ଟ ହେବାର ଦମ୍ଭୋକ୍ତି ପ୍ରକାଶ କରୁଛନ୍ତି । ସେହି ଉପଦେଶଟି ହେଲା, ଅଲ୍ଲାଃତାଲା ଏହି ସଂପ୍ରଦାୟକୁ ସତ୍ୟ ପ୍ରମାଣିତ କରିବା ନିମନ୍ତେ ସ୍ଥାପିତ କରିଛନ୍ତି । ତେଣୁ ମୁଁ ଚାହୁଁଛି ଯେ, ଅଲ୍ଲାଃତାଲା ଯେଉଁ କାର୍ଯ୍ୟ ନିମନ୍ତେ ମୋତେ ନିଯୁକ୍ତ କରିଛନ୍ତି ସେହି ଚାରିତ୍ରିକ ସତ୍ୟତା ମାଧ୍ୟମରେ ଇସଲାମ୍ ଧର୍ମର ଉତ୍କର୍ଷତା ସଂସାରବାସୀଙ୍କ ସମ୍ମୁଖରେ ପରିପ୍ରକାଶ ହେଉ । ଏଣୁ ପବିତ୍ର କୁରଆନ୍

କରୀମକୁ ଧ୍ୟାନପୂର୍ବକ ପାଠକର ନା କି ଗଳ୍ପ ଭାବି । ବରଂ ଏହି ପବିତ୍ର ଧର୍ମଗ୍ରନ୍ଥକୁ ଜ୍ଞାନର ଭଣ୍ଡାର ଭାବି ପାଠ କରିବା ଉଚିତ। ଆମେମାନେ ଯଦି ସଂସାରର ବ୍ୟସ୍ତ ବହୁଳତା ଏବଂ ଚାକଚକ୍ୟରେ ନିମଜ୍ଜିତ ହୋଇଯାଉ ତେବେ ଆମମାନଙ୍କର ସନ୍ତାନମାନେ ଏବଂ ବଂଶଧରମାନେ ମଧ୍ୟ ଧର୍ମ ଠାରୁ ଦୂରେଇ ଯିବେ । ଅତଏବ ଏହା ଅତ୍ୟନ୍ତ ଚିନ୍ତାଜନକ ବିଷୟ ଅଟେ। ମନେରଖ ! କେବଳ ବୈଅତ୍ କରିଦେଲେ ମୋର ଅଭିପ୍ରାୟ ଚରିତାର୍ଥ ହୋଇଯିବ ନାହିଁ । ବରଂ ମୋର ଉଦ୍ଦେଶ୍ୟ ସେତେବେଳେ ହିଁ ସାର୍ଥକ ହେବ ଯେତେବେଳେ ଆମେମାନେ ସ୍ୱୟଂକୁ ଇସଲାମୀୟ ଶିକ୍ଷାର ବହନକାରୀ ରୂପେ ବିବେଚିତ କରିବୁ ଏବଂ ତାହା ସେପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ ଯେପର୍ଯ୍ୟନ୍ତ ଆମେମାନେ ପବିତ୍ର କୁରଆନ କରୀମକୁ ପାଠ କରି ନାହୁଁ ଓ ଏହା ଉପରେ ନିଜକୁ ପରିଚାଳିତ ନାହୁଁ ।

ହ. ମସିହ୍ ମଉଦ୍ ଅ.ସ କହନ୍ତି ଯେ, ସତ୍ୟ ଏହିକି ଯେ, ତୁମେମାନେ ଏହି ନିର୍ଝରର ଖୁବ ନିକଟବର୍ତ୍ତୀ ହୋଇଛ ଯେଉଁ ନିର୍ଝରକୁ ଅଲ୍ଲାଃତାଲା ସାର୍ବକାଳୀକ ଜୀବନ ନିମନ୍ତେ ସୃଷ୍ଟି କରିଛନ୍ତି । ହଁ ! ସେହି ନିର୍ଝରରୁ ତୁମର ଜଳପାନ କରିବା ବର୍ତ୍ତମାନ ବାକିଅଛି । ଅତଃ ତୁମେମାନେ ଅଲ୍ଲାଃତାଲାଙ୍କ ନିକଟରୁ ଏହା ସାମର୍ଥ୍ୟ ଭିକ୍ଷା କର ଯେ, ସେ ତୁମମାନଙ୍କ ଉପରେ ଜଳ ବୃଷ୍ଟି କରି ତୁମମାନଙ୍କର ତୃଷ୍ଣା ନିବାରଣ କରିବେ । କାରଣ ଅଲ୍ଲାଃତାଲାଙ୍କ ବ୍ୟତୀରେକ କୌଣସି ପ୍ରସଙ୍ଗ ସାଧିତ ହୋଇପାରିବ ନାହିଁ । ନିଃସନ୍ଦେହ ରୂପେ ! ମୁଁ ଏହା ଜାଣେ ଯେ, ଯେଉଁ ବ୍ୟକ୍ତି ଉକ୍ତ ନିର୍ଝରରୁ ଜଳପାନ କରେ ସେ କଦାପି ନଷ୍ଟ ହେବ ନାହିଁ । କାରଣ ଏହି ଜଳ ଜୀବନ ପ୍ରଦାନକାରୀ ଜଳ ଅଟେ । ଏହି ନିର୍ଝରରୁ ଜଳ ବୃଷ୍ଟି କରି ତୁମର ତୃଷ୍ଣାକୁ ମେଣ୍ଟାଇବାର ପନ୍ଥା ଏହିକି ଯେ, ଅଲ୍ଲାଃତାଲା ତୁମମାନଙ୍କ ଉପରେ ଯେଉଁ ଦାୟିତ୍ୱ ତଥା କର୍ତ୍ତବ୍ୟ ସମ୍ପାଦନ କରିବା ନ୍ୟସ୍ତ କରିଛନ୍ତି ତାହାକୁ ସମ୍ପାଦନ କର ଏବଂ ପୂର୍ଣ୍ଣ ମନଯୋଗ ସହକାରେ ସମ୍ପାଦନ କର । ସେହି ଦୁଇ ଅଧିକାର ମଧ୍ୟରୁ ଗୋଟିଏ ଅଧିକାର ହେଲା ଯେ, ତୁମେ ଅଲ୍ଲାଃତାଲାଙ୍କ କର୍ତ୍ତବ୍ୟ ସମ୍ପାଦନ କର ଏବଂ ଦ୍ୱିତୀୟତଃ ତାହାଙ୍କ ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନ କର ।

ହ. ମସିହ୍ ମଉଦ୍ ଅ.ସ କହିଲେ, କେବଳ ମୋର ବୈଅତ୍ କରିବା ଯଥେଷ୍ଟ ନୁହଁ । ବରଂ ତହିଁରେ ଅଲ୍ଲାଃତାଲା କର୍ମ କରିବାର ଆଶା ପୋଷଣ କରି ଥାଆନ୍ତି । ତେଣୁ ଯେଉଁ ବ୍ୟକ୍ତି ସୁକର୍ମ କରିବ ତାହାର କଦାପି ବିନାଶ ହେବ ନାହିଁ ଓ ସର୍ବଦା ସେ ଅଲ୍ଲାଃତାଲାଙ୍କର କୃପା ଲାଭ କରୁଥିବ । ସୁତରାଂ ଏହି ଚାରିତ୍ରିକ ଅବସ୍ଥା ସେତେବେଳେ ତୁମଠାରେ ଦେଖାଦେବ ଯେତେବେଳେ **ଲା ଇଲାହା ଇଲ୍ଲଲ୍ଲାଃ** ତୁମର ପ୍ରକାଶ୍ୟ ଏବଂ ଅଭ୍ୟନ୍ତରୀଣର ସ୍ୱର ହୋଇଯିବ ଓ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ବ୍ୟତୀରେକ ଆଉ କୌଣସି ବସ୍ତୁ ତୁମମାନଙ୍କର ଅଭିପ୍ରାୟ ହୋଇ ନଥିବ, ଅଲ୍ଲାଃତାଲାଙ୍କ ଆଦେଶାବଳୀ ପ୍ରତି ପୂର୍ଣ୍ଣ ଆଜ୍ଞାବହତା ପ୍ରକାଶ ପାଉଥିବ । ବର୍ତ୍ତମାନ ପ୍ରତ୍ୟେକ ବ୍ୟକ୍ତି ତହିଁରୁ ନିଜର ଆତ୍ମ ସମୀକ୍ଷା କରିପାରିବ ଯେ, ଆମେମାନେ ଯେତେବେଳେ କଲ୍‌ମା (ଐଶୀ ଉକ୍ତି) ଉଚ୍ଚାରଣ କରୁ ସେତେବେଳେ କ'ଣ ପ୍ରକୃତରେ ଅଲ୍ଲାଃତାଲାଙ୍କର ପ୍ରସନ୍ନତା ପ୍ରାପ୍ତ କରିବା ଆମମାନଙ୍କର ସର୍ବାଦୌ କର୍ତ୍ତବ୍ୟ ହେବା ଉଚିତ ? କ'ଣ ଆମେମାନେ ତାହାଙ୍କ ଆଦେଶାବଳୀ ପ୍ରତି ଆଜ୍ଞାବହତା ପରିପ୍ରକାଶ କରୁଛେ କି ? ଯଦି ନମାଜ ସମୟରେ ସାଂସାରିକ କାର୍ଯ୍ୟକୁ ପରିତ୍ୟାଗ କରି ନମାଜ ପଢିବା ପ୍ରତି ଆମମାନଙ୍କର ଧ୍ୟାନ ନାହିଁ ତେବେ ଆମେ ତୁଣ୍ଡରୁ କେବଳ କଲ୍‌ମା ଉଚ୍ଚାରଣ କରୁଛେ । କିନ୍ତୁ କେଉଁଠି ନା କେଉଁଠି ଆମମାନଙ୍କ ମନରେ ସେହି ଗୁପ୍ତ ଶିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବାର) ଅଂଶ ରହିଛି। ହୁଜୁର୍ ଅ.ସ କହିଲେ; ଜଣେ ବିଶ୍ୱାସକାରୀର ଆସ୍ଥା ଏହି କଷଟି ପଥର ଉପରେ ସ୍ଥାପିତ ହୋଇଥାଏ ଯେ, ମୋର ବାଣିଜ୍ୟ କାର୍ଯ୍ୟରେ ଅଲ୍ଲାଃତାଲାଙ୍କ କୃପା ଫଳରେ ହିଁ କଲ୍ୟାଣ ଅବତୀର୍ଣ୍ଣ ହୋଇଥାଏ । ତେବେ ଏହା କିପରି ସମ୍ଭବ ଯେ, ମୋର ସାଂସାରିକ କାର୍ଯ୍ୟ ଅଲ୍ଲାଃତାଲାଙ୍କର ସ୍ୱରର ବିରୁଦ୍ଧରେ ଛିଡ଼ା ହୋଇଯିବ । ଯଦି ଏପରି ହୁଏ ତେବେ ସେ ସ୍ଥଳେ ଆମେମାନେ କଲ୍‌ମାର (ଐଶୀ ଉକ୍ତି) ପ୍ରକୃତ ଆତ୍ମାକୁ ବୁଝି ନାହୁଁ । ବରଂ ଆମେମାନେ କେବଳ ନିଜ ତୁଣ୍ଡରୁ ଏହି ସ୍ୱୀକାରୋକ୍ତି ପରିପ୍ରକାଶ କରୁଛେ ଯେ, **ଲା ଇଲାହା ଇଲ୍ଲଲ୍ଲାଃ** ଅଥଚ ଆମମାନଙ୍କର କର୍ମ ଆମ ସ୍ୱୀକାରୋକ୍ତିର ବୀପରୀତ ଅଟେ । ଯଦି ଏହିଭଳି ଅବସ୍ଥା ଲାଗିରହେ ତେବେ ବୈଅତ୍‌ର ପ୍ରକୃତ କର୍ତ୍ତବ୍ୟ ଆମ ଦ୍ୱାରା କଦାପି ସମ୍ପାଦିତ ହେବ ନାହିଁ ।

ହୁଜୁର ଅନୱର୍ ଅ.ବ କହିଲେ; ଅଲ୍ଲାଃତାଲା ଯେଉଁ ଭକ୍ତଙ୍କର କର୍ତ୍ତବ୍ୟ ସମ୍ପାଦନ କରିବା ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି ଯେତେବେଳେ ଏହି କର୍ତ୍ତବ୍ୟ ସମ୍ପାଦିତ ହେବ ତେବେ ଯାଇ ଜଣେ ଭକ୍ତ ପୂର୍ଣ୍ଣ ବିଶ୍ୱାସକାରୀରେ ପରିଣତ ହେବ ଏବଂ ବୈଅତ୍‌ର ପ୍ରକୃତ ଦାୟିତ୍ୱ ନିର୍ବାହକାରୀ ରୂପେ ବିବେଚିତ ହେବ । ହ. ମସିହ୍ ମଉଦ ଅ.ସ ନିଜ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଉପଦେଶ ଦେଇ କହନ୍ତି, ହେ ଜମାଅତ୍‌ର ସଦସ୍ୟବୃନ୍ଦ ! ତୁମେମାନେ ଯଦି ସାଂସାରିକ ବ୍ୟକ୍ତିମାନଙ୍କ ପରି ଜୀବନ ଯାପନ କର ତେବେ ତାହାର କୌଣସି ମୂଲ୍ୟ ନାହିଁ । ମୋ ହସ୍ତରେ ତୌବା (କ୍ଷମା ଯାଚନା) କରିବା ଏକ ମୃତ୍ୟୁକୁ ଚାହିଁଥାଏ । କାରଣ ତୁମେମାନେ ଆଉ ଏକ ନୂତନ ଜୀବନ ଲାଭ କରିପାରିବ । ସୁତରାଂ ତୁମମାନଙ୍କୁ ଯଦି ଆଧ୍ୟାତ୍ମିକ

ଜୀବନ ପ୍ରାପ୍ତ ହେଉ ନାହିଁ ତେବେ ଏପରି ବୈଅତ୍ର କୌଣସି ମୂଲ୍ୟ ନାହିଁ । ବରଂ ତାହା ମୂଲ୍ୟହୀନ ଏବଂ ତାହା କୌଣସି ସୁଫଳ ଆଣି ନଥାଏ । ମୋ ବୈଅତ୍ ଦ୍ୱାରା ଅଲ୍ଲାଃତାଲାଙ୍କର ସ୍ୱୀକାରୋକ୍ତିକୁ ଅପେକ୍ଷା କରିଥାଏ । ତେଣୁ ଯେଉଁ ବ୍ୟକ୍ତି ମୋତେ ସ୍ୱଚ୍ଛ ହୃଦୟର ସହିତ ଗ୍ରହଣ କରେ ଏବଂ ନିଜର ପାପ କର୍ମ ଯୋଗୁଁ କ୍ଷମା ଯାଚନା କରେ ତେବେ ଅଲ୍ଲାଃତାଲା ତାହାକୁ କ୍ଷମା ପ୍ରଦାନ କରିଦେଇ ଥାଆନ୍ତି ଏବଂ ସେ ଏଭଳିଆ ବ୍ୟକ୍ତି ପାଲଟି ଯାଇଥାଏ ଯେଭଳି ସେ ସଙ୍ଗେସଙ୍ଗେ ହିଁ ନିଜ ମାତୃ ଗର୍ଭରୁ ଜାତ ହୋଇଛି ।

ହୁଜୁର୍ ଅନୱର୍ ଅ.ବ କହିଲେ; ଆମମାନଙ୍କର ଉପାସନା ଏବଂ ଆମମାନଙ୍କର କର୍ମ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତିକାରୀ ରୂପେ ହେବା ଉଚିତ । ଆଜିକାଲି ଦୁନିଆର ଅବସ୍ଥାରୁ ପ୍ରତିତ ହେଉଛି ଯେ, ବିଧ୍ୱଂସର ଅତ୍ୟନ୍ତ ଭୟଙ୍କର ବାଦଲ ସମଗ୍ର ବିଶ୍ୱକୁ ଆଛନ୍ନ କରି ରଖିଛି ଏବଂ ଯେଉଁ ଧ୍ୱଂସ ହେବ ତାହାର ପରିଣାମ ପୃଥିବୀର ଧ୍ୱଂସ ହିଁ ସାଧନ ହେବ। ଅତଏବ ବର୍ତ୍ତମାନ ଜଣେ ଅହେମଦିର ଏହି କର୍ତ୍ତବ୍ୟ ଯେ ସେ ଦୁଆକୁ ବିନିଯୋଗ କରୁ । ହ. ମସିହ୍ ମଉଦ୍ ଅ.ସ କହିଲେ; ଅଲ୍ଲାଃତାଲା ପୁଣ୍ୟବାନ ବ୍ୟକ୍ତି ସକାଶେ ଅନ୍ୟ ଲୋକଙ୍କୁ ବଞ୍ଚାଇ ନେଇ ଥାଆନ୍ତି । ଆମେମାନେ ଅତ୍ୟନ୍ତ ଭୟାବହ ପରିସ୍ଥିତି ଦେଇ ଗରି କରୁଛେ । ଏଭଳି ପରିସ୍ଥିତିରେ ଯଦି କେହି ମୋକ୍ଷ ପ୍ରଦନକାରୀ ଅଛନ୍ତି ତେବେ ସେ ହେଉଛନ୍ତି ଅଲ୍ଲାତାଲା । ତେଣୁ ଆପଣମାନେ ନିଜେ ଓ ନିଜର ବଂଶଧରମାନଙ୍କୁ ମଧ୍ୟ ଅଲ୍ଲାଃତାଲାଙ୍କ ଆଗରେ ନତମସ୍ତକ ହୁଅନ୍ତୁ । କାରଣ ଆପଣମାନେ ନିଜ ସୁରକ୍ଷିତ ରହିବା ସହିତ ନିଜର ବଂଶଧରମାନଙ୍କୁ ମଧ୍ୟ ସୁରକ୍ଷିତ ରଖି ପାରିବେ । ଯଦି ଆମେମାନେ **ଲା ଇଲାହା ଇଲ୍ଲଲ୍ଲାଃହୁ** ବଚନର ପ୍ରକୃତ ଦାୟିତ୍ୱ ନିର୍ବାହକାରୀ ହେବୁ ତାହାହେଲେ ଅଲ୍ଲାଃତାଲା ଆମମାନଙ୍କର ପୁଣ୍ୟ କର୍ମ ଦ୍ୱାରା ସଂସାରବାସୀଙ୍କୁ ମଧ୍ୟ ବଞ୍ଚାଇ ନେବେ । ସଂସାରର ଅବସ୍ଥା ଉତ୍କଟରୁ ଉତ୍କଟତର ହୋଇ ଚାଲିଛି ତେଣୁ ପୂର୍ବାପେକ୍ଷା ଆପଣମାନେ ଅଧିକ ଦୁଆ କରନ୍ତୁ । ହ. ମସିହ୍ ମଉଦ୍ ଅ.ସ କହନ୍ତି; ପୁଣ୍ୟ ତାହା ହିଁ ଅଟେ ଯାହାକି ସମୟ ପୂର୍ବରୁ କରାଯାଇଥିବ, କିନ୍ତୁ ଯଦି ସେହି ପୁଣ୍ୟ ପର ମୁହୂର୍ତ୍ତରେ ସମ୍ପାଦିତ ହୁଏ ତେବେ ତାହାର କୌଣସି ମୂଲ୍ୟ ନାହିଁ । ଯେତେବେଳେ ଏକ ଭେଳା ବୁଡ଼ିବାକୁ ଲାଗେ ସେତେବେଳେ ଡଙ୍ଗା ଉପରେ ଆରୋହଣ ହୋଇଥିବା ସମସ୍ତ ଯାତ୍ରୀମାନେ ଚିତ୍କାର, ରୋଦନ କରନ୍ତି । କିନ୍ତୁ ଡଙ୍ଗା ଉପରେ ଆରୋହଣ ହୋଇଥିବା ଲୋକମାନଙ୍କର କୋଳାହଳ ସେତେବେଳେ ସେମାନଙ୍କ ପକ୍ଷେ ଲାଭଦାୟକ ସାବ୍ୟସ୍ତ ହୋଇ ନଥାଏ । ବରଂ ତାହା ତ' ସେତେବେଳେ ହିଁ ଲାଭଦାୟକ ହୋଇଥାଏ ଯେତେବେଳେ ମନୁଷ୍ୟ ଶାନ୍ତିପୂର୍ଣ୍ଣ ଅବସ୍ଥାରେ ଜୀବନ ଯାପନ କରିଥାଏ । ଈଶ୍ୱରଙ୍କୁ ପ୍ରାପ୍ତ କରିବାର ଏହା ହିଁ ମୂଳ ସୂତ୍ର ରହିଛି ଯେତେବେଳେ ମନୁଷ୍ୟ ସମୟ ପୂର୍ବେ ସଚେତନ ହୁଏ । ଏହି ସଚେତନ ଅବସ୍ଥା ଏପରି ହେବା ଉଚିତ ଯେପରି ବିଜୁଳି ଘଡ଼ଘଡ଼ି ମାରିବା ସମୟରେ ମନୁଷ୍ୟ ସଂପୂର୍ଣ୍ଣ ରୂପେ ସଚେତିତ ରହିଥାଏ । କିନ୍ତୁ ଯେଉଁ ବ୍ୟକ୍ତି ବିଜୁଳିକୁ ନିଜ ଉପରେ ପଡୁଥିବାର ଦେଖି ଚିତ୍କାର କରେ ତେବେ ସେ ବିଜୁଳିକୁ ଡରିଥାଏ ନା କି ଈଶ୍ୱରଙ୍କୁ ଭୟ କରେ ।

ହୁଜୁର ଅନୱର୍ ଅ.ବ କହିଲେ; ଆଜି ଅହେମଦିମାନଙ୍କର ବିଶ୍ୱାସ ଓ ଅଲ୍ଲାଃତାଲାଙ୍କ ସହିତ ସଂପର୍କ ଏବଂ ଦୁଆ ହିଁ ସଂସାରକୁ ବିପତ୍ତିରୁ ଉଦ୍ଧାର କରିପାରିବ । ସଂସାରାବାସୀଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରି ସଂସାର ପାଇଁ ମଧ୍ୟ ପ୍ରାର୍ଥନା କରନ୍ତୁ । ଅଲ୍ଲାଃତାଲାଙ୍କ କର୍ତ୍ତବ୍ୟ ଏବଂ ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନ ପ୍ରତି ଯଦି ଧ୍ୟାନ ଦେଉ ନାହିଁ ତେବେ ଏହି ପୃଥିବୀ ଜନଶୂନ୍ୟ ହୋଇଯିବ । ଅତଏବ ପ୍ରତ୍ୟେକ ଅହେମଦି ନିଜର ଚିନ୍ତାଧାରାକୁ ଆୟୁଦ୍ଧ କରି ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତୁ । ହ. ମସିହ୍ ମଉଦ ଅ.ସ କହନ୍ତି ଯେ, ଦେଖ ! ତୁମେମାନେ କିଛି ପରିଶ୍ରମ କରି ଯେତେବେଳେ କୃଷି କ୍ଷେତ୍ର ପ୍ରସ୍ତୁତ କର ସେତେବେଳେ ତୁମେମାନେ ଏହି ଆଶା ରଖିଥାଅ ଯେ, ତୁମକୁ ଏହି କୃଷିରୁ କିଛି ଲାଭ ପ୍ରାପ୍ତ ହେବ । ଏହିପରି ଭାବରେ ଶାନ୍ତିର ଦିନର ପରିଶ୍ରମ ପାଇଁ ଉଦ୍ଦିଷ୍ଟ, ବର୍ତ୍ତମାନ ତୁମେ ଯଦି ପ୍ରଭୁଙ୍କୁ ସ୍ମରଣ କରିବ ତେବେ ଅବଶ୍ୟ ଲାଭବାନ ହେବ । ତେଣୁ ବର୍ତ୍ତମାନ ଯଦି ତୁମେମାନେ ଦୁଆ କରିବ ତେବେ ସେହି ଅଶେଷ ଦୟାବାନ ଏବଂ ସଦା କୁରଣାମୟ ପ୍ରଭୁ ତୁମମାନଙ୍କ ଉପରେ ଅବଶ୍ୟ ନିଜର କୃପାବତୀର୍ଣ୍ଣ କରିବେ । ତୁମେମାନେ ନିଜର ନମାଜ, ରୁକୁ ଓ ସଜଦାରେ ଦୁଆ କରିଚାଲ । ଯେପରି ଅଲ୍ଲାଃତାଲା ଏହି ବିପତ୍ତିକୁ ଅପସାରଣ କରିଦିଅନ୍ତୁ ଓ ଶାସ୍ତି ଠାରୁ ସୁରକ୍ଷିତ ରଖନ୍ତୁ। ତେଣୁ ଯେଉଁ ବ୍ୟକ୍ତି ଦୁଆ କରିଥାଏ ସେ କେବେ ବି ସେଥିରୁ ବଞ୍ଚିତ ରହି ନଥାଏ । ଏହା ସମ୍ଭବପର ନୁହେଁ ଯେ, ଦୁଆକାରୀ ବ୍ୟକ୍ତି ନିହତ ହେବ। ଯଦି ଏପରି ହୁଏ ତେବେ ଅଲ୍ଲାଃତାଲା କଦାପି ଚିହ୍ନିତ ହେବେ ନାହିଁ । ଅତଃ ତୁମେ ନିଜ ମଧ୍ୟରେ ସଂପୂର୍ଣ୍ଣ ଓ ପ୍ରକୃତ ନିଷ୍ଠା ସୃଷ୍ଟି କର । ଆଜି ମଧ୍ୟ ଏହିପରି ଧ୍ୱଂସର ଲକ୍ଷଣମାନ ଦୃଶ୍ୟମାନ ହେଉଅଛି । ତେଣୁ ଏଥି ନିମନ୍ତେ ଆମମାନଙ୍କୁ ଅଲ୍ଲାଃତାଲାଙ୍କ ନିକଟରେ ମଥାନତ ହେବାକୁ ପଡ଼ିବ । କାରଣ ଏହି ମାର୍ଗ ସଂସାରକୁ ବିପତ୍ତିର ମାର୍ଗରୁ ସୁରକ୍ଷିତ ରଖିପାରିବ।

ପ୍ରିୟ ହୁଜୁର ଅନୱର୍ ଅ.ବ କହିଲେ, ସର୍ବୋଚ୍ଚ ଚାରିତ୍ରିକ ଆଦର୍ଶ ପ୍ରଦର୍ଶନ କରିବା ମଧ୍ୟ ଅଲ୍ଲାଃତାଲାଙ୍କ ଆଦେଶାବଳୀ ମଧ୍ୟରୁ ଏକ ଆଦେଶ ଅଟେ । ହୁଜୁର ଅନୱର୍ ଅ.ବ କହିଲେ ଅଶିଷ୍ଟତା, ଅସଭ୍ୟତାମୂଳକ ଆଚରଣ ଶତ୍ରୁତା ସୃଷ୍ଟି କରିଥାଏ। ଏଣୁ ନିଜର ତୁଣ୍ଡକୁ ସର୍ବଦା ଆୟତ୍ତାଧୀନ ରଖିବା ଉଚିତ । ଯେଉଁଠି ଇସ୍‌ଲାମ୍ ଧର୍ମ ଚାରିତ୍ରିକ ପରିଧି ମଧ୍ୟରେ ରହିବା ନିମନ୍ତେ ଶିକ୍ଷା ଦେଇଥାଏ ଅପର ପକ୍ଷେ ବା ସେହି ସ୍ଥଳରେ ଆଇନର ସୀମା ମଧ୍ୟରେ ରହିବା ପାଇଁ ମଧ୍ୟ ଅନୁପ୍ରାଣିତ କିରଥାଏ । ହ. ମସିହ୍ ମଉଦ୍ ଅ.ସ କହନ୍ତି: ଆଉ ଏକ ବିଶିଷ୍ଟତା ଜଣେ ଅହେମଦି ମଧ୍ୟରେ ଏହା ହେବା ଉଚିତ ଯେ, ପାରସ୍ପରିକ ପ୍ରେମ ଓ ଭ୍ରାତୃଭାବ ନିଜ ମଧ୍ୟରେ ସୃଷ୍ଟି କରିବା ଉଚିତ । କାରଣ ଯେପର୍ଯ୍ୟନ୍ତ ଆମ ସଂପ୍ରଦାୟର ଲୋକମାନେ ପରସ୍ପର ପ୍ରତି ପ୍ରକୃତ ସହାନୁଭୂତି ପ୍ରଦର୍ଶନ କରି ନାହାନ୍ତି ସେପର୍ଯ୍ୟନ୍ତ ଜମାଅତ୍‌ରେ ସବୁଜିମା ଆସି ପାରିବ ନାହିଁ । ଆମେମାନେ ଜମାଅତ୍ ଅହେମଦିୟାରେ ସାମିଲ ହୋଇ ଏକ ଆଧ୍ୟାତ୍ମିକ ପିତାଙ୍କର ସନ୍ତାନ ହଇଯାଇଛେ ଏବଂ କାହାରିକୁ ଅନ୍ୟ ଉପରେ କୌଣସି ଶ୍ରେଷ୍ଠତ୍ୱ ପ୍ରାପ୍ତ ହୋଇନାହିଁ । ଅଲ୍ଲାଃତାଲା ଆମ ଜମାଅତ୍‌କୁ ଏକ ଆଦର୍ଶ ନମୁନା ରୂପେ ଗଢି ତୋଳିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ସୁତାରଂ ଏହି ଆଦର୍ଶ ନମୁନା କ'ଣ ଉପର ଠଉରିଆ କଥା ଓ ବିନା କୌଣସି ଗଭୀର କର୍ମ ଦ୍ୱାରା ତିଆରି ହୋଇପାରିବ ? ଏଥିପାଇଁ ବୃହତ ଜିହାଦ୍ ଓ କଠିନ ପରିଶ୍ରମ କରିବାକୁ ପଡ଼ିବ, ନିଜ ଉପାସନାର ସ୍ତରକୁ ଉନ୍ନୀତ କରି ନିଜର ଚାରିତ୍ରିକ ଅବସ୍ଥାର ସ୍ତରକୁ ଶୃଙ୍ଖଳିତ କରି, ପରସ୍ପର ମଧ୍ୟରେ ପ୍ରେମ ଓ ସଦ୍‌ଭାବନାମୂଳକ ସ୍ତର ସ୍ଥାପନ କରି ଆମମାନଙ୍କୁ ଏହା ଦେଖିବାକୁ ହେବ ଯେ, ଆମେମାନେ ସେହି ଆଦର୍ଶ ନମୁନାର ସ୍ତରରେ ଉପନୀତ ହୋଇଛେ ଅବା ନୁହେଁ ?

ହ. ମସିହ୍ ମଉଦ ଅ.ସ କହନ୍ତି; ଅଲ୍ଲାଃତାଲା ଧର୍ମପରାୟଣ ବ୍ୟକ୍ତିକୁ ଭଲ ପାଆନ୍ତି, ଅଲ୍ଲାଃତାଲାଙ୍କ ଐଶୀ ମହିମାକୁ ସ୍ମରଣ କରି ସମସ୍ତେ ତାହାଙ୍କ ଶାସ୍ତି ପ୍ରତି ଭୟ ପ୍ରଦର୍ଶନ କରିବା ଉଚିତ । ମନେରଖ ! ସମସ୍ତ ଲୋକ ଅଲ୍ଲାଃତାଲାଙ୍କର ଭକ୍ତ ଅଟନ୍ତି, କାହାରି ଉପରେ ଆନ୍ୟାୟ କିମ୍ବା ଅତ୍ୟାଚାର କର ନାହିଁ ଓ କାହରିକୁ ହୀନ ଦୃଷ୍ଟିରେ ଦେଖ ନାହିଁ । ଯଦି ଜଣେ ବ୍ୟକ୍ତି ମନ୍ଦ ହୁଏ ତେବେ ସେ ସମସ୍ତଙ୍କୁ ଖରାପ କରିବାକୁ ଚେଷ୍ଟା କରିଥାଏ । ସର୍ବୋଚ୍ଚ ଚାରିତ୍ରିକ ସଭ୍ୟତା ଓ ସୌଜନ୍ୟତା ସେତେବେଳେ ସୃଷ୍ଟି ହୋଇଥାଏ ଯେତେବେଳେ ଧର୍ମପରାୟଣତାର ସ୍ତର ଉଚ୍ଚତର ହୋଇଥାଏ । ଆମ ଜମାଆତ୍‌ର ଲୋକମାନେ ଏଭଳି ଭକ୍ତଙ୍କ ସହିତ ନିଜର ସଂପର୍କ ରଖୁଛନ୍ତି ଯିଏ (ପ୍ରଭୁଙ୍କ ନିକଟରୁ) ନିଯୁକ୍ତ ହେବାର ଦାବି କରୁଛନ୍ତି । ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଏହି କର୍ତ୍ତବ୍ୟ ରହିଛି ଯେ, ସେମାନେ ସାଂସାରିକ କାର୍ଯ୍ୟ ଓ ମୋହମାୟା ଠାରୁ ଭିନ୍ନ ହୋଇ ନିଜ ଜୀବନ ଉପରେ ବଳ ପ୍ରୟୋଗ କରନ୍ତୁ । କାରଣ ଏହା ଦେଖାଯିବ ଯେ ସେମାନଙ୍କ ଠାରେ ଧର୍ମପରାୟଣତା ଅଛି ଅବା ନୁହେଁ ? ଅତଏବ ଆମେମାନେ ଯଦି ବୈଅତ୍‌ର ପ୍ରକୃତ ଦାୟିତ୍ୱ ନିର୍ବାହକାରୀ ରୂପେ ବିବେଚିତ ହେବା ତେବେ ଆମମାନଙ୍କୁ ପ୍ରତ୍ୟେକ ମୁହୂର୍ତ୍ତ ନିଜ ଅବସ୍ଥାର ଆତ୍ମ ସମୀକ୍ଷା କରିବାର ଆବଶ୍ୟକତା ରହିଛି ।

ହ. ମସିହ୍ ମଉଦ୍ ଅ.ସଙ୍କ ଇଚ୍ଛା ମୁତାବକ ନିଜ ଜୀବନକୁ ଅତିବାହିତ କରିବାର ଆବଶ୍ୟକତା ରହିଛି । ଆମେମାନେ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେବା ବ୍ୟକ୍ତି ରୂପେ ପରିଗଣିତ ହେବା ଉଚିତ । ଅଲ୍ଲାଃତାଲାଙ୍କର ସେହି ଐଶୀ ଭୟ ଆମ ଭିତରେ ଉତ୍ପନ୍ନ ହୋଇଯାଉ ଏବଂ ଆମେମାନେ ପ୍ରକୃତରେ **ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାଃ ଇଲ୍ଲଲ୍ଲାଃହୁ**ର କର୍ତ୍ତବ୍ୟ ନିର୍ବାବକାରୀ ରୂପେ ପରିଗଣିତ ହେଉ ଏବଂ ଆମମାନେ ଶେଷ ଯୁଗର ସଂପ୍ରଦାୟରେ ସାମିଲ୍ ହୋଇଯାଉ ଯାହାର ଶୁଭ ସମ୍ବାଦ ଅଲ୍ଲାଃତାଲା ଆଁହଜରତ ସ.ଅଙ୍କୁ ପ୍ରଦାନ କରିଥିଲେ । ଅଲ୍ଲାଃତାଲା ଏଥି ନିମନ୍ତେ ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ଓ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକରୁଲ୍ଲାହି ଅକ୍‌ବର୍ ।**

....................................

KHULASA KHUTBA JUMA HUZOOR ANWAR a.b.a
14th Oct. 2022